# ଡି .ଏ . ଭି. ସ୍ୱୟଂଶାସିତ ମହାବିଦ୍ୟାଳୟ,
## ଦୟାନନ୍ଦ ବିହାର,ଟିଟିଲାଗଡ଼

ବିଜ୍ଞାପନ ସଂଖ୍ୟା : 460 (H) ତାରିଖ 06-07-2023

ଏତଦ୍ୱାରା ଟିଟିଲାଗଡ଼ ଜନ ସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ଡ଼ି. ଏ. ଭି ସ୍ୱୟଂଶାସିତ ମହାବିଦ୍ୟାଳୟ ର ରାସ୍ତା ପାର୍ଶ୍ୱ ରେ ଦୋକାନ ଗୃହ ନିର୍ମାଣ କରାଯାଉଛି । ଏହି ଦୋକାନ ଗୃହ ପାଇବା ପାଇଁ ନିମ୍ନ ଲିଖିତ ଓ ନିର୍ଦ୍ଧାରିତ ସର୍ତ୍ତ ରହିଛି । ଯେଉ ମାନେ ଏହି ଦୋକାନ ଗୃହ ପାଇବା ପାଇଁ ଚାହିଁବେ ସେମାନେ RS.200/- PRINCIPAL D.A.V. AUTONOMOUS COLLEGE, TITILAGARH ଙ୍କୁ ପ୍ରଦାନ କରି ଆବେଦନ ଫର୍ମ ପାଇ ପାରିବେ। ଉକ୍ତ ଆବେଦନ ଫର୍ମ ଓ ଟ. ୧୦୦୦୦.୦୦ (ଦଶ ହଜାର ଟଙ୍କା ମାତ୍ର) ଡିମାଣ୍ଡ ଡ୍ରାଫ୍ଟ ଯାହାକି PRINCIPAL,D.A.V. AUTONOMOUS COLLEGE, TITILAGARH ନାମ ରେ କରାଯାଇଥିବ ତାହା ସ୍ପିଡ଼ ପୋଷ୍ଟ /ରେଜିଷ୍ଟ୍ରେସନ ପୋଷ୍ଟ /କୋରିଅର ସର୍ଭିସ /ବ୍ୟକ୍ତିଗତ ଭାବେ ଅଧକ୍ଷ ଙ୍କ ଠାରେ ପଇଠ କରି ପାରିବେ । ଯେଉମାନେ ଦୋକାନ ଗୃହ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହି ସେମାନଙ୍କୁ ଟ. ୧୦୦୦୦.୦୦ (ଦଶ ହଜାର ଟଙ୍କା ମାତ୍ର) ଡିମାଣ୍ଡ ଡ୍ରାଫ୍ଟ ଫେରସ୍ତ କରାଯିବ। ଯେଉ ମାନେ ଦୋକାନ ଗୃହ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ସେମାନଙ୍କ ସଂରକ୍ଷିତ ରାଶି ରୁ ଟ. ୧୦୦୦୦.୦୦ କଟିଯିବ। ଆବେଦନ ଫର୍ମ ଆସନ୍ତା ୧୧.୦୭.୨୦୨୩ ରୁ ୨୦ .୦୭.୨୦୨୩ ମଧରେ ମହାବିଦ୍ୟାଳୟ ଅଧକ୍ଷ ଠାରୁ ପାଇ ଆବେଦନ କରି ପାରିବେ ।

ଡି .ଏ . ଭି. ସ୍ୱୟଂଶାସିତ ମହାବିଦ୍ୟାଳୟ, ଟିଟିଲାଗଡ଼

| କ୍ରମିକ ନଂ | ଦୋକାନ ଗୃହର ଆକାର | ସଂରକ୍ଷିତ ରାଶି | ମାସିକ ଭଡା |
|---|---|---|---|
| ୦୧ | ୧୨ X୧୪ ଫୁଟ | ଟ . ୨୦୦୦୦୦ /- | ଟ . ୨୦୦୦ /- |

06/07/2023

ଅଧକ୍ଷ

PRINCIPAL
D.A.V. (Auto) College
Titilagarh

ଡି .ଏ . ଭି. ସ୍ୱୟଂଶାସିତ ମହାବିଦ୍ୟାଳୟ,
ଟିଟିଲାଗଡ଼

# ସର୍ତ୍ତାବଳୀ

1. ଯେଉ ମାନେ ଦୋକାନ ଗୃହ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ସେମାନେ ଟ.୨୦୦୦୦୦.୦୦ (ଦୁଇ ଲକ୍ଷ ଟଙ୍କା ମାତ୍ର) ଜମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ପ୍ରଦାନ କରି ଚୁକ୍ତିପତ୍ର ରେ ଦସ୍ତଖତ କରିବେ ।
2. ଉକ୍ତ ଜମାନତ ରାଶି ଦୋକାନ ଗୃହ ଛାଡିବା ଦିନ ଦୋକାନୀ କୁ ଚେକ ମାଧ୍ୟମରେ ଫେରସ୍ତ କରାଯିବ।
3. ଦୋକାନୀ ଦୋକାନ ଗୃହ ଛାଡିବା ସମୟ ରେ ଦୋକାନ ଗୃହ ର କ୍ଷୟ କ୍ଷତି ହୋଇ ଥିବା ଜିନିଷ ଗୁଡିକ ର ମୂଲ୍ୟ କମିଟି ଦ୍ୱାରା ନିର୍ଦ୍ଧାରଣ କରି ଉକ୍ତ ଜମାନତ ରାଶି ରୁ କାଟି ଦିଆଯିବ ।
4. ପ୍ରତି ଦୋକାନ ଗୃହ ମାସିକ ଭଡାର ୩ ବର୍ଷକୁ ଥରେ ଲେଖାଏଁ ୧୦ ପ୍ରତିଶତ ବୃଦ୍ଧି କରାଯିବ ।
5. ସମ୍ପୂର୍ଣ ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ଦୋକାନ ଗୃହ ହସ୍ତାନ୍ତର କରାଯିବ ।
6. ସମସ୍ତ ନିର୍ମାଣ କାର୍ଯ୍ୟା ସମାପ୍ତ ପରେ ଦୋକାନୀ ହିତାଧିକାରୀଙ୍କୁ ଜଣାଇ ଦିଆଯିବ ଏବଂ ହିତାଧିକାରୀଙ୍କ ସହିତ ଚୁକ୍ତିପତ୍ର ସମ୍ପାଦନ କରିଯିବା ଓ ସେହି ଦିନ ଠାରୁ ଷ୍ଟଲ ଭଡା ଲାଗୁ ହେବ ।
7. ଦୋକାନ ଗୃହ ହିତାଧିକାରୀ କାହାକୁ ଭଡାରେ ଦେଇ ପାରିବେ ନାହିଁ, ବିକ୍ରି କରି ପାରିବେ ନାହିଁ, କୌଣସି ଅଂଶ କାହାକୁ ପ୍ରଦାନ କରିପାରିବେ ନାହିଁ ତଥା ଭାଗୀଦାରୀ ରଖି ପାରିବେ ନାହିଁ ।
8. ଯଦି ଦୋକାନ ହିତାଧିକାରୀ ତାଙ୍କର ମାସିକ ଭଡା ଲଗାତାର ତିନି ମାସ ଧରି ପ୍ରଦାନ କରିବେ ନାହିଁ ତେବେ ଆବଶ୍ୟକ ନିୟମ ଅନୁସାରେ ତାଙ୍କୁ ଦୋକାନ ଗୃହ ରୁ ବଞ୍ଚିତ କରାଯିବ ।
9. ଡ଼ି. ଏ. ଭି ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତୃପକ୍ଷଙ୍କ ବିନା ଅନୁମତିରେ ଦୋକାନି ହିତାଧିକାରୀ ଦୋକାନ ଗୃହକୁ ପରିବର୍ତନ (ଭିତର କିମ୍ବା ବାହାର ଅଂଶ ) କରି ପାରିବେ ନାହିଁ ।
10. ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ସରକାରଙ୍କ ଦ୍ୱାରା ଯେଉଁ ଟିକସ /ଫିଜ /ବିଦ୍ୟୁତ ଶୁଳ୍କ ଧାର୍ଯ୍ୟ କରାଯିବ ତାହା ନିର୍ଦ୍ଧିଷ୍ଟ ସମୟ ଅନୁସାରେ ଦୋକାନୀ ପ୍ରଦାନ କରିବେ ।
11. ଦୋକାନ ର ମାଲିକାନା ସତ୍ତ୍ୱ ତିନି ବର୍ଷ ପାଇଁ ଧାର୍ଯ୍ୟ କରାଯିବ । ପ୍ରତି ତିନି ବର୍ଷ ରେ ଥରେ ସର୍ତ୍ତାବଳୀ କୁ ନବୀକରଣ କରାଯିବ ।
12. କୌଣସି ପରିସ୍ଥିତିରେ ଯଦି ଦୋକାନ ଗୃହ ବାବଦରେ ଦୁଇ ପକ୍ଷ ମଧ୍ୟରେ ବାଦ ବିବାଦ ଉପୁଯେ ତେବେ ସ୍ଥାନୀୟ ଆଇନ ସଙ୍କ୍ରାନ୍ତୀୟ ପରିସରରେ ମଧ୍ୟରେ ବିଚାର କରିବା ପାଇଁ ଗ୍ରହଣ କରାଯିବ ।

06/07/2023

ଅଧ୍ୟକ୍ଷ

PRINCIPAL

ଡି .ଏ . ଭି. ସ୍ୱୟଂଶାସିତ ମହାବିଦ୍ୟାଳୟ,

D.A.V. College, Titilagarh

ଟିଟିଲାଗଡ଼